# ଖେଳୁଥିବା ବେଳେ କବାଡି ଖେଳାଳିଙ୍କ ମୃତ୍ୟୁ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ ଗ୍ରାମରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା ଆନ୍ତ ରାଜ୍ୟ କବାଡି ପ୍ରତିଯୋଗିତା। ଫାଇନାଲ ଖେଳରେ ତରବୋଡ ଗ୍ରାମର ସାପ୍ତାହିକ ବଜାର ପରିସରରେ ପଡୋଶୀ ରାଜ୍ୟ ଛତିଶଗଡ଼ ମହାସମୁନ ଜିଲ୍ଲା ଡୁଡୁମଚୂଆଁ– ହାତିସରା ଗ୍ରାମ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହେଉଥିଲା। ଡୁଡୁମଚୂଆଁ ଦଳର ଖଗେଶ୍ୱର ରାଠିଆ(୨୬) ଖେଳାଳି ନିଜ କବାଡି କବାଡି ରାଗ ଧରି ବିପକ୍ଷ ଦଳକୁ ଯାଇଥିଲେ। ସେଠାରେ ରାଗ ନେଇ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ପଡିଆରେ ହଠାତ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ପ୍ରଥମେ ତରବୋଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନୂଆପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉତ୍ତମ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରିଥିଲେ । ହେଲେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ କାରଣ ଅସ୍ପଷ୍ଟ ଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ଡାକ୍ତର ପ୍ରକାଶ କରିଛନ୍ତି। ଫାଇନାଲ ଖେଳ ଆଉ ଶେଷ ହେବାକୁ ମାତ୍ର ୨ ମିନିଟ ଖେଳ ବାକି ରହିଥିଲା। ଜଣେ ଖେଳାଳିଙ୍କ ଖେଳ ପଡିଆରେ ମୃତ୍ୟୁ ହେବା ନେଇ ଆୟୋଜକ କମିଟି ସହ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# ସିଡିପିଓ ଅଫିସରେ ତାଲା ଦେଲେ ଉତ୍ୟକ୍ତ ମହିଳା

କନ୍ଧମାଳ,(ସବ୍ୟୁ):ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଲମ୍ବସରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୁହିରାପାଲି ଅଙ୍ଗନୱାଡି କେନ୍ଦ୍ରରେ ଖାଲିଥିବା ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ। ପ୍ରତିବାଦରେ ଉକ୍ତ ଗ୍ରାମର ମହିଳାମାନେ କନ୍ଧମାଳ ସିଡିପିଓ କାର୍ଯ୍ୟାଳୟରେ ତାଲା ଠୁଙ୍କି ଧାରଣାରେ ବସିଥିଲେ । ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇ ବିଫଳ ହେବାପରେ ଫୋନ ଯୋଗେ ସିଡିପିଓଙ୍କ ସହ କଥାହୋଇ ଆସନ୍ତା ୧୭ତାରିଖ ଦିନ ସିଡିପିଓଙ୍କ ସହ ଆଲୋଚନା ପାଇଁ ପ୍ରତିଶ୍ରୁତି ପରେ ମହିଳାମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ । ପରେ ସିଡିପିଓଙ୍କ ଅନୁପସ୍ଥିତରେ ସିଡିପିଓଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଅଭିଯୋଗ ପତ୍ର ବରିଷ୍ଠ କିରାଣୀଙ୍କୁ ପ୍ରଦାନ କରିଥିଲେ। ସୂଚନା ମତେ କନ୍ଧମାଳ ବ୍ଲକ ଗୁହିରାପାଲି ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଖାଲିଥିବା ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଁ ସେହି ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହମତି କ୍ରମେ ସତ୍ୟବାଦୀ କହଁରଙ୍କ ସ୍ତ୍ରୀ ନିଁଳେନ୍ଦ୍ରି ମାଝୀଙ୍କୁ ଚୟନ କରାଯାଇଥିଲା । ସେହି ଗ୍ରାମର ବୋହୁ ଭାବେ ଆବଶ୍ୟକ ଯୋଗ୍ୟତା ଭିତ୍ତିରେ ଅନଲାଇନରେ ଆବେଦନ କରିଥିଲେ । ତେବେ ଆଇସିଡ଼ିଏସ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓଙ୍କ ଆଦେଶ ସଂଖ୍ୟା ୧୩୭୮/୦୭.୧୦.୨୦୨୪ କ୍ରମେ କୁଲିହାପାଲି ଗ୍ରାମର ଶ୍ରୀମତୀ ସଙ୍ଗୀତା ବାରିକ ନୂତନ ଅଙ୍ଗନବାଡିକର୍ମୀ ଭାବେ ନିଯୁକ୍ତି ପତ୍ର ପାଇ କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିଲେ । ଏସମ୍ପର୍କରେ ଗ୍ରାମବାସୀ ସୂଚନା ପାଇ ଗୁହିରାପାଲି ଅଙ୍ଗନୱାଡି କେନ୍ଦ୍ରରେ ତାଲା ଦେଇ କେନ୍ଦ୍ରକୁ ବନ୍ଦ କରିଥିଲେ । ଅନ୍ୟ ଗ୍ରାମର



ଆବେଦନକାରୀଙ୍କୁ କେଉଁ ଗାଇଡଲାଇନ ଅନୁସାରେ ନିଯୁକ୍ତି ଦିଆଗଲା ତାର ସମାଧାନ ନହେବା ପର୍ଯ୍ୟନ୍ତ କେନ୍ଦ୍ରରୁ ତାଲା ଫିଟାଯିବନାହିଁ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ । ଅନ୍ୟପକ୍ଷରେ ନୂତନ ନିଯୁକ୍ତି ପାଇଥିବା ଶ୍ରୀମତୀ ବାରିକ ଏହି କେନ୍ଦ୍ର ପାଇଁ ଖାଲିଥିବା ଅଙ୍ଗନୱାଡି କର୍ମୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ଦିନ ପୂର୍ବରୁ କୁଳିହାପାଲିର ଦୀପକ ସାହୁ ଙ୍କୁ ତା ୧୦.୦୨.୨୦୨୪ରିଖରେ ବିବାହ କରିଥିଲେ । ତେବେ ବିବାହର ୬ମାସ ପୁରି ନଥିବା ବେଳେ କିପରି ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇଲେ ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହୋଇଛି । ଏନେଇ ମଙ୍ଗଳବାର ଗୁହିରାପାଲି ଗ୍ରାମର ବହୁ ସଂଖ୍ୟାରେ ମହିଳାମାନେ ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଆଇସିଡ଼ିଏସ କାର୍ଯ୍ୟାଳୟ ପହଞ୍ଚି ଅଭିଯୋଗ ପତ୍ର ସିଡିପିଓଙ୍କୁ ଦେବାକୁ ଯାଇଥିଲେ । ତେବେ ସିଡିପିଓ ଅନୁପସ୍ଥିତି ଥିବାରୁ ଦାୟିତ୍ୱରେ ଥିବା ଅଧିକାରିଣୀ ଅଭିଯୋଗପାତ୍ର ଗ୍ରହଣ କରିବା ପରିବର୍ତ୍ତେ ଅଭିଯୋଗକାରୀଙ୍କ ପ୍ରତି ଅଣଦେଖା କରିଥିଲେ । ଏନେଇ ଅଭିଯୋଗକାରୀ ମହିଳାମାନେ ଉତ୍ୟକ୍ତ ହୋଇ ଆଇସିଡ଼ିଏସ କାର୍ଯ୍ୟାଳୟରେ ତାଲାଦେଇ ଠୁଙ୍କି ଆନ୍ଦୋଳନରେ ବସିଥିଲେ । ପରେ କନ୍ଧମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳା ଓ ସିଡିପିଓଙ୍କ ସହ ଫୋନଯୋଗେ କଥା ହୋଇ ଆନ୍ଦୋଳନକୁ ଆସନ୍ତା ୧୭ତାରିଖକୁ ସ୍ଥଗିତ ରଖାଯିବା ନେଇ ନିଷ୍ପତ୍ତି ପରେ ଓହରିଥିଲେ ଆନ୍ଦୋଳନକାରି ।

# ମାଁ ମାଣିକେଶ୍ୱରୀଙ୍କ ଲାଖମରା ପର୍ବ ସମ୍ପନ୍ନ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ । ମା'ଙ୍କ ଲାଖମରା ପର୍ବ ବିଜୟା ଦଶମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବର ଏକ ଭିନ୍ନ ସ୍ୱତନ୍ତ୍ରତା ରହିଛି । ଲାଖମରା ପର୍ବ ମାଧମରେ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ବିଜୟ ଯାତ୍ରା ବା ରାଜ୍ୟଜୟର ପ୍ରତୀକ ଭାବେ ଏହି ପର୍ବ ପାଳିତ ହୁଏ । ବିଜୟା ଦଶମୀ ତିଥିରେ ମାଣିକେଶ୍ୱରୀଙ୍କ ଲାଖବିନ୍ଧା ବା ଲାଖମରା ପର୍ବ ଅନୁଷ୍ଠିତ ହୋଇଥାଏ । ଅପରାହ୍ନରେ ଛତ୍ର ବାହକ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତ୍ରକୁ ଧରି ବାହୁକ,ମୁଣ୍ଡଛିନା, ସେବାୟତ ସହ ଜେନାବାଦ୍ୟ, ଘୁମୁରା ଓ ଘଣ୍ଟ ଘଣ୍ଟାର ତାଳେ ତାଳେ ମନ୍ଦିରରୁ ବାହାରି ପଶ୍ଚିମ ଉପକଣ୍ଠରେ ଥିବା ଲାଖମରା ପଡିଆକୁ ଯାଇଥିଲେ । ଲାଖମରା ପଡିଆରେ ଥିବା ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ଛତ୍ରକୁ ସ୍ଥାପନ କରାଯିବା ସହ ବିଧି ବିଧାନ ପୂର୍ବକ ପୂଜାର୍ଚ୍ଚନା ଓ ଛାଗଳ ବଳି ଦିଆଯାଇଥିଲା । ପରମ୍ପରା ଅନୁଯାୟୀ କଳାହାଣ୍ଡି ରାଜ ପରିବାର ସଦସ୍ୟ ଛତରକୁ ବନ୍ଦାପନା କରିବା ପରେ ଆରମ୍ଭ ହୋଇଥିଲା ଲାଖମରା ପର୍ବ । ଏକ ସୁଉଚ୍ଚ ଖମ୍ବରେ ବନ୍ଧା ଯାଇଥିବା ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖକୁ ଲକ୍ଷ୍ୟଭେଦ ପାଇଁ ଆରମ୍ଭ ହୋଇଥିଲା ପ୍ରତିଯୋଗିତା । ମାଟି ହାଣ୍ଡିରେ ମାଣିକେଶ୍ୱରୀଙ୍କ ପ୍ରସାଦ ଥାଏ । ଏହି ପ୍ରତିଯୋଗିତାରେ ଅନେକ ଯୁବକ ସାମିଲ ହୋଇଥିବା ବେଳେ ଚଳିତ ବର୍ଷ ଭବାନୀପାଟଣା ସହରର ପୁରୁଣା ପଡ଼ାର ପ୍ରଭୁପାଦ ପ୍ରଧାନ ଲାଖବିନ୍ଧି ପାରିଥିଲେ। ପରେ ଛତ୍ର ଜେନା ବାଦ୍ୟ ତାଳେ ତାଳେ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ । ରୀତିନୀତି ଅନୁଯାୟୀ ରାଜ ପରିବାର ସଦସ୍ୟଙ୍କୁ ଅଭିଷିକ୍ତ ବ୍ରାହ୍ମଣ ମାନେ ଅପରାଜିତା ମନ୍ତ୍ରରେ ରାଜ୍ୟାଭିଷେକ କରାଇଥାନ୍ତି । ପରେ ପରେ ମୂଳାଷ୍ଟମୀ ଠାରୁ ମାଣିକେଶ୍ୱରୀଙ୍କ ମୁଣ୍ଡବସା ପର୍ବରୁ ଆରମ୍ଭ ହୋଇଥିବା ଦଶହରା ପର୍ବରେ ରକ୍ତମୁଖା ହୋଇଥିବା ଦେବୀଙ୍କୁ ଶାନ୍ତ କରାଇବା ପାଇଁ ମନ୍ଦିର ଦ୍ୱାରରେ କଣ୍ଟାବାଡ ଦିଆଯାଇଥାଏ । ଆସନ୍ତା କୁମାର ପୂର୍ଣ୍ଣମୀରେ ଦେବୀଙ୍କ କଣ୍ଟାବାଡ ଫିଟା ଅନୁଷ୍ଠିତ ହେବ । ଲାଖମରା ପର୍ବକୁ ନେଇ ଶ୍ରଦ୍ଧାଳୁ ଓ ପ୍ରତିଯୋଗୀଙ୍କ ମଧରେ ବେଶ ଆନନ୍ଦ ଓ ଉତ୍ସାହ ଦେଖାଦେଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି ।

# ଦୁର୍ଘଟଣାରେ ଚାଲିଗଲା ଦୁଇ ସାଙ୍ଗଙ୍କ ଜୀବନ

ସୋନପୁର,(ସବ୍ୟୁ): ବାଇକ ଯୋଗେ ଘରକୁ ଫେରୁଥିଲେ ଦୁଇ ସାଙ୍ଗ। ଅଧବାଟରେ ସଡ଼କ ଦୁର୍ଘଟଣାରେ ଚାଲିଗଲା ଦୁଇ ସାଙ୍ଗଙ୍କ ଜୀବନ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ କଟାପାଲି ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ରାଜିନ୍ଦ୍ର ବାରିକ ଓ ସଚ୍ଚିତା ପ୍ରଧାନ। ଉଭୟଙ୍କ ଘର କଟାପାଲି ଗାଁରେ ବୋଲି ଜଣାଯାଇଛି। ରବିବାର ରାଜିନ୍ଦ୍ର ଓ ସଚ୍ଚିତା ଘଟୋପାଲିରୁ କାମସାରି ନିଜ ଗାଁ କଟାପାଲିକୁ ଫେରୁଥିଲେ। ଏହି ସମୟରେ ଏକ ବାଇକ୍ ଆସି ସେମାନଙ୍କ ବାଇକ୍ ପଛରୁ ଧକ୍କା ଦେଇଥିଲା । ଉଭୟ ବାଇକରୁ ଛିଟିକି ତଳେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ରାଜିନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ସଚ୍ଚିତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଅନ୍ୟ ବାଇକ୍ ଆରୋହୀ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ବିନିକା ଥାନା ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି।

# ନଦୀ ପାଣିରେ ବୁଡି ଦୁଇ ଛାତ୍ରୀଙ୍କ ମୃତ୍ୟୁ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବିଲାଟ୍ ଗାଁ ରେ ଦିନ ୧୦ ଟାରେ ଚାରି ଜଣ ବାଳିକା ନିକଟସ୍ଥ ସନ୍ଦୂଲ୍ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଗାଧୋଉ ଥିବା ବେଳେ ଗଭୀର ପାଣିକୁ ଚାଲି ଯାଇଥିଲେ ଓ ସେଠାରୁ ଆଉ ବାହାରକୁ ଆସି ନ ପାରି ପାଣିରେ ବୁଡି ଯାଇଥିଲେ। ଅନ୍ୟ ଦୁଇ ଜଣ ସାଙ୍ଗ କିଛି ସମୟ ଅପେକ୍ଷା କଲା ପରେ ଗ୍ରାମବାସୀଙ୍କୁ ଚିତ୍କାର କରି ଡାକି ଥିଲେ। ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ଅଧ ଘଣ୍ଟା ଧରି ପାଣିରେ ଖୋଜା ଖୋଜି କଲା ପରେ ଦୁଇ ଜଣଙ୍କୁ ବାହାର କରିଥିଲେ।

ସୂଚନା ପାଇ ନର୍ଲା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଦୁଇ ଜଣଙ୍କୁ ପୋଲିସ୍ ଗାଡ଼ିରେ ହିଁ ନର୍ଲା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାକ୍ତର କିଛି ସମୟ ପରୀକ୍ଷା ନିରୀକ୍ଷା କଲା ପରେ ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ମୃତ ଦୁଇ ଜଣଙ୍କ ମଧ୍ୟରୁ ଜଣକ ନା ନେନା ଦୁର୍ଗା (୧୯) ବର୍ଷ ଓ ଅନ୍ୟ ଜଣେ ରିଙ୍କି ହରିଜନ(୧୬) ବର୍ଷ ହେବ । ପରିବାରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ତାଙ୍କ ମାଁ ବାପା ଦାଦନ ଖଟିବାକୁ ଯାଉଛନ୍ତି । ବାହାର ରାଜ୍ୟକୁ ସେମାନେ ନିଜ ଜେଜେ ବାପାଙ୍କ ଓ ଜେଜେ ମାଁ ଙ୍କ ସହିତ ରହୁ ଥିଲେ। ନର୍ଲା ପୋଲିସ୍ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ମ. ରାମପୁରକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

# ନାବାଳିକାକୁ ଦୁଷ୍କର୍ମ : ଥାନାରେ ଅଭିଯୋଗ

ମାଲକାନଗିରି,(ସବ୍ୟୁ): ଦୁର୍ଗା ପୂଜାରେ ଗାଁ ଲୋକେ ବ୍ୟସ୍ତ ଥିବା ବେଳେ ସନ୍ଧ୍ୟା ସମୟରେ ଜଣେ ଯୁବତୀ ଏକୁଟିଆ ଘରେ ଥିବାର ସୁଯୋଗ ନେଇ ଜଣେ ବିବାହିତ ଯୁବକ ଦୁଷ୍କର୍ମ କରିଥିବା ନେଇ ମୋଟୁ ଥାନାରେ ଅଭିଯୋଗ ହୋଇଛି। ଏହି ସ୍ପର୍ଶ କାତର ଘଟଣାଟି ମୋଟୁ ଥାନା ଅନ୍ତର୍ଗତ ଏମଭି–୮୦ ଗ୍ରାମରେ ଘଟିଛି। ଯୁବତୀଙ୍କ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଦୁଷ୍କର୍ମର ଶିକାର ହୋଇଥିବା ଯୁବତୀର ମାଆ କିଛି ଦିନ ତଳେ ମୃତ୍ୟୁ କରିଥିଲା ବେଳେ ଘରେ ବାପା ଓ ଝିଅ ରୁହନ୍ତି। ଗତ ୧୨ ତାରିଖରେ ବାପା ସନ୍ଧ୍ୟା ସମୟରେ ମାଛ ଧରିବାକୁ ନିକଟସ୍ଥ ପୋଖରୀକୁ ଯାଇଥିଲେ । ଏଣେ ଏମଭି–୮୦ ଗ୍ରାମରେ ଦଶହରା ଉତ୍ସବରେ ଧୁମଧାମରେ ପାଳନ ହେଉଥିବା ବେଳେ ଲୋକମାନେ ପୂଜା ମଣ୍ଡପ ରେ ରୁଣ୍ଡ ହୋଇଥିଲେ । ବାପା ଘରେ ଅନୁପସ୍ଥିତ ଥିବା ସୁଯୋଗ ନେଇ ଯୁବତୀ ଜଣଙ୍କ ଘରେ ଏକୁଟିଆ ଥିବାର ଜାଣି ଅଭିଯୁକ୍ତ ଯୁବକ ଅଶୋକ ସରକାର(୨୬) ଘରେ ପଶି ଥିଲା । ହାତରେ ଏକ ଛୁରୀ ଧରି ଯୁବତୀକୁ ଜୀବନରୁ ମାରି ଦେବାର ଭୟ ଦେଖାଇ ଦୁଷ୍କର୍ମ କରିଥିଲା । ଏନେଇ ଯୁବତୀ ଜଣକ ମୋଟୁ ଥାନାରେ ଅଭିଯୋଗ କରିଛି । ମୋଟୁ ଥାନାରେ ଅଭିଯୁକ୍ତ ଯୁବକ ବିରୁଦ୍ଧରେ ଥାନା କେସ ନମ୍ବର ୧୩୬/୨୪ ଧାରା ୬୪,୧୧୫,୩୫୧,୭୭ ବିଏନସି ମାମଲା ରୁଜୁ କରାଯାଇଛି । ଦୁଷ୍କର୍ମ କରିଥିବା ବିବାହିତ ଯୁବକ ଅଶୋକ ସରକାର ଗ୍ରାମରୁ ଫେରାର ରହିଛି । ମୋଟୁ ପୋଲିସ ଏସଆଇ ଲକ୍ଷ୍ମୀଧର ଲେଙ୍କା ଘଟଣାର ତଦନ୍ତ କରୁଥିବା ଜଣା ପଡ଼ିଛି।

# ସଡକ ଘାଟରୁ ଦୁଇ ନାବାଳକଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର,(ସବ୍ୟୁ): ମହାନଦୀ ସଡ଼କ ଘାଟରୁ ନିଖୋଜ ଥିବା ଦୁଇ ନାବାଳକଙ୍କ ମୃତଦେହକୁ ସମ୍ବଲପୁର ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ମୃତକ ମାନେ ତିୱାରୀ ଗଳିର ଏସ କନିଷ୍କ(୧୪) ଓ କ୍ରିଷ୍ଣା ନଗରର ହିମାଂଶୁ କୁଷୱାସ(୧୪) ବୋଲି ଜଣାପଡିଛି । ସୂଚନାଯୋଗ୍ୟ, କ୍ଷେତରାଜପୁର ଅଞ୍ଚଳର ୩ଜଣ ନାବାଳକ ଗତ ୧୧ତାରିଖ ଅପରାହ୍ନ ୪ଟାରେ ସଡ଼କ ଘାଟକୁ ଗାଧୋଇବାକୁ ଯାଇଥିଲେ। ତେବେ କନିସ୍କ ଓ କ୍ରିଷ୍ଣା ଗାଧୋଇବାକୁ ମହାନଦୀର ଏହି ଘାଟର ପାଣିକୁ ଓହ୍ଲାଇ ଥିଲେ । ତେବେ ନଦୀ ସ୍ରୋତରେ ଭାସି ଯାଇଥିଲେ । ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ଏହି ସର୍ଚ୍ଚ ଅପେରସନ ଆରମ୍ଭ କରିଥିଲେ। ପ୍ରାୟ ଘଣ୍ଟାଏ ଖୋଜିବା ପରେ ପ୍ରଥମେ ବଡବଜାରର ଗୋଟିଏ ଘାଟରୁ ଗୋଟିଏ ମୃତଦେହ ଉଦ୍ଧାର ହୋଇଥିଲା । ଏହାର କିଛି ସମୟ ପରେ ଆଉ ଏକ ମୃତଦେହ ସେହି ଘାଟରୁ ୧୫ ମିଟର ଦୂରରେ ମିଳିଥିଲା । ମୃତଦେହ ମିଳିବା ପରେ ଉଭୟ ପରିବାର କୋହ ସମ୍ଭାଳି ପାରିନଥିଲେ । ମୃତ ଦେହ ଗୁଡିକୁ ଉଦ୍ଧାର କରି ବ୍ୟବଛେଦ ପାଇଁ ବୁର୍ଲା ମେଡିକାଲ ନେଇଥିଲେ । ଉଭୟ ନାବାଳକ ଛାତ୍ର ଭଲ ସାଙ୍ଗ ଅଟନ୍ତି ।

# ହାତୀପଲ ଉପରେ ମାଡ଼ିଗଲା ଟ୍ରେନ

ସୁନ୍ଦରଗଡ଼,(ସବ୍ୟୁ): ହାତୀପଲ ଉପରେ ମାଡ଼ିଗଲା ମାଲବାହୀ ଟ୍ରେନ। ଦୁର୍ଘଟଣାରେ କିଛି ହାତୀ ଆହତ ହୋଇଥିବା ବେଳେ ଏକ ଛୁଆ ହାତୀଟିର ମୃତ୍ୟୁ ଘଟିଛି। ରାଉରକେଲା ବନ୍ଧମୁଣ୍ଡା ଆର୍ କେବିନ୍ ନିକଟରେ ଏହି ଅଘଟଣ ଘଟିଛି। ସୋମବାର ରାତିରେ ହାତୀ ପଲ ବନ୍ଧୋମୁଣ୍ଡା ଅଞ୍ଚଳକୁ ପଶି ଆସିଥିଲେ।ଏହି ସମୟରେ ସ୍ଥାନୀୟ ଲୋକେ ହାତୀ ପଲକୁ ଘଉଡାଉଥିଲେ। ତେବେ ହାତୀପଲ ଭୟରେ ଟ୍ରେନ୍ ଲାଇନ୍ ଆଡକୁ ଦୌଡୁଥିବା ବେଳେ ସେହି ସମୟରେ ଏକ ମାଲବାହୀ ଟ୍ରେନ୍ ଆସି ହାତୀପଲଙ୍କୁ ଧକ୍କା ଦେଇଥିଲା। ଏଥିରେ କିଛି ହାତୀ ଆହତ ହୋଇଥିଲେ। ତେବେ ଘଟଣାସ୍ଥଳରେ ଗୋଟିଏ ଛୁଆ ହାତୀର ମୃତ୍ୟୁ ହୋଇଥିଲା । ବନ ବିଭାଗ ଟିମ୍ ଓ ପୁଲିସ ପହଞ୍ଚି ହାତୀଟିର ମୃତଦେହକୁ ଉଦ୍ଧାର କରିଛନ୍ତି।

# ବୃଦ୍ଧଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କଲେ ସ୍ୱେଚ୍ଛାସେବୀ

ବରଗଡ଼,(ସବ୍ୟୁ): ମଙ୍ଗଳବାର ଦିନ ହସ୍ପିଟାଲ ରୋଡ଼ରେ ଜଣେ ବୃଦ୍ଧ ମୁମୁର୍ଷୁ ଅବସ୍ଥାରେ ପଡ଼ିଥିଲେ । ପାଖରେ ଔଷଧ ଦୋକାନ କରିଥିବା ରୀନା ପାଣିଗ୍ରାହୀ ପାଖକୁ ଯାଇ ବୃଦ୍ଧଙ୍କ ଜୀବନ ଥିବା ଜାଣି ତୁରନ୍ତ ଗ୍ଲୁକୋଜ ପିଆଇ ସ୍ୱେଚ୍ଛାସେବୀ ସଂଘମିତ୍ରା ପଟେଲଙ୍କୁ ଫୋନ କରି ଜଣାଇଥିଲେ । ଶ୍ରୀମତୀ ପଟେଲ ପହଞ୍ଚି ଶେଖର ଗହିର ଓ ରୀନାଙ୍କ ସହଯୋଗରେ ଆମ୍ବୁଲାନ୍ସ ଡକାଇ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ । ବୃଦ୍ଧ ଜଣକ ମୂଳତଃ ନେପାଳ ବାସିନ୍ଦା । ରାଜକୁମାର ସେଠିଆଙ୍କ(୬୭) ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ଖେଦାପାଲି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା

ହରଭଙ୍ଗା,(ସବ୍ୟୁ) :ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ମେଣ୍ଡି ଖାଇ ପାହାଡ଼ ଓ ମଣିପୁର ଅର୍ବାନ ନର୍ସରୀ ନିକଟରୁ ଯୁବକଙ୍କ ମୃତ ଦେହ ଠାବ । ଏକ ଧାରୁଆ ଅସ୍ତ୍ର ରେ ଗଳା ଓ ପେଟ କାଟି ଯୁବକଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଛି । ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ମଣିପୁର ପ୍ଲାଣ୍ଟେସନଓ ମେଣ୍ଡି ଖାଇ ପାହାଡ଼ ନିକଟରେ ଏକ ବୁଦା ମୂଳରେ ଏକ ଅଜଣା ଶବ ପଡ଼ିଥିବା ସ୍ଥାନୀୟ କିଛି ଲୋକ ଛତୁ ଖୋଜିବାକୁ ଯାଇଥିବା ବେଳେ ଦୁର୍ଗନ୍ଧ ହେବାରୁ ପାଖକୁ ଯାଇ ଶବଟିକୁ ଦେଖିବାକୁ ପାଇଥିଲେ। ପରେ ପୁରୁଣାକଟକ ପୋଲିସକୁ ଖବର ଦେବାରୁ ଘଟଣା ସ୍ଥଳରେ ପୁରୁଣାକଟକ ପୁଲିସ, ସନ୍ଧାନୀ କୁକୁର ଓ ସାଇଟିଫିକ ଟିମ ପହଞ୍ଚି ହତ୍ୟା ଘଟଣାର ଅଧିକ ତଦନ୍ତ ଚଳାଇଛି । ମୃତକ ଜଣକ ବୌଦ୍ଧ ଥାନା ତାଳବାହାଲ ଗ୍ରାମର ଲକ୍ଷ୍ମଣ ମିର୍ଦ୍ଧା (୩୫)ହୋଇଥିବା ବେଳେ ସେ ଘରୁ ଗତ ଶନିବାର ଦିନ ପୁରୁଣାକଟକ ଯାଉଛି ବୋଲି କହି ଆସିଥିଲା । ତେବେ କୌଣସି ଏକ ଧାରୁଆ ଅସ୍ତ୍ରରେ ଯୁବକଙ୍କୁ ସଂଘ ବଦ୍ଧ ଭାବେ ଗଳା ଓ ପେଟ କାଟି ହତ୍ୟା କରାଯାଇଛି ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ସନ୍ଦେହ କରୁଛି । ଶବ ନିକଟରେ ମାଂସ ହାଡ଼,ମଦ ଓ ପାଣି ବୋତଲ, ଅସ୍ତ୍ରର ବେଣ୍ଟ ପଡିଥିବା ସହ ହତ୍ୟା ପରେ ବୁଦା ମୂଳକୁ ମୃତଦେହ ଫିଙ୍ଗା ଯାଇଛି । ଏହି ହତ୍ୟା ଘଟଣା ୨/୩ ଦିନ ହେବ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି । ମୃତ ଲକ୍ଷ୍ମଣର ଦୁଇ ସାନ ଝିଅ ଥିବା ବେଳେ ଶବକୁ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଯାଇଥିଲା । ଶବ ବ୍ୟବଛେଦ ପରେ ହତ୍ୟା ଘଟଣାର ସତ୍ୟତା ଜଣା ପଡିବ ବୋଲି ପୋଲିସ ସୂଚନା ଦେଇଛି । ଅନ୍ୟ ପଟେ ହତ୍ୟାକାରୀକୁ ଧରି ଦୋଷୀକୁ ଦଣ୍ଡ ଦେବାପାଇଁ ପରିବାର ଦାବି କରିଛି ।

# ପୁଲିସ–ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

ଝାରସୁଗୁଡ଼ା,(ସବ୍ୟୁ):ଅକ୍ଟୋବର ମାସ ପାଇଁ ପୁଲିସ–ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଓ ଏସପି ସ୍ମିତ ପି ପରମାରଙ୍କ ଯୁଗ୍ମ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ,ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲମ୍ବୋଦର ବୁଢ଼ା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଓ ଏସପି ପୁଲିସ –ମାଜିଷ୍ଟ୍ରେଟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ସିଆରପିସି ଧାରା ୧୦୭ ଓ ୧୧୦ ସମ୍ବନ୍ଧିତ କେସ ଫଏସଲା, ଶିକ୍ଷାନୁଷ୍ଠାନମାନଙ୍କରେ ଆଇନ ଶୃଙ୍ଖଳା, ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ , ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ , ଆଇ ଆଇ ସି ଓ ପୁଲିସ ଓ ମାଜିଷ୍ଟ୍ରେଟ ସମନ୍ୱୟ ଉପରେ ଆଲୋଚନା ହୋଇଥିଲା। ସମ୍ପୃକ୍ତ ତହସିଲଦାର ଏବଂ ଆଇ ଆଇ ସି ମାନେ ନିୟମିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର , ଶିଶୁ ଯତ୍ନ ଅନୁଷ୍ଠାନ ଓ ଆଶ୍ରମ ବିଦ୍ୟାଳୟ, ବୃଦ୍ଧାଶ୍ରମ ଓ ମହିଳା ଆଶ୍ରମ ପରିଦର୍ଶନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନିୟମାନୁଯାୟୀ ବାଲ୍ୟବିବାହ ଜନିତ ଘଟଣାରେ ସଂପୃକ୍ତ ନାବାଳିକାକୁ ଉଦ୍ଧାର ପରେ ସି ଡବ୍ଲ୍ୟୁ ସି ନିକଟରେ ହାଜର କରାଇବା ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି। କିସାନ ଛକଠାରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତା ଉଭୟ ପାର୍ଶ୍ୱରୁ ବେଆଇନ ପାର୍କିଂ ହଟାଇବା , ଆର ଟି ଓ, ବିଡିଓ,ତହସିଲଦାର ଓ ସ୍ଥାନୀୟ ଆଇ ଆଇ ସିଙ୍କୁ ନେଇ ସ୍କ୍ୱାର୍ଡ ଗଠନ ସହ ନଦୀଘାଟମାନଙ୍କରୁ ଚଳପ୍ରଚଳ କରୁଥିବା ବେଆଇନ ବୋଟ/ଡଙ୍ଗା ଅଟକ ସହ ସିଜ୍ କରିବା ଏବଂ ପ୍ରମୁଖ ସ୍ଥାନଗୁଡ଼ିକ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଏସ୍ ଡି ପି ଓ ଉମାଶଙ୍କର ସିଂହ,ଚିନ୍ତାମଣି ପ୍ରଧାନଙ୍କ ସମେତ ବିଡିଓ, ପୌରପାଳିକା ନିର୍ବାହୀ ଅଧିକାରୀ, ତହସିଲଦାର,ଆଇ ଆଇ ସି, ଆର ଟି ଓ, ଡି ଡବ୍ଲ୍ୟୁ ଓ ଓ ଡିସିପିଓ ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁର ଡୁଙ୍ଗୁରି ଦନ୍ତା ହାତୀ ମୃତ୍ୟୁ ଘଟଣାରେ ୫ ଗିରଫ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଅସୁର ଡୁଙ୍ଗୁରି ନିକଟ ମଠଖାଇ ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଦନ୍ତା ହାତୀର ମୃତଦେହ ଜଙ୍ଗଲ ବିଭାଗ ଉଦ୍ଧାର କରିଥିଲା । ବିଦ୍ୟୁତ ତାର ବିଛାଇ ହାତୀକୁ ମାରିଥିବା ଅଭିଯୋଗରେ ୫ ଅଭିଯୁକ୍ତଙ୍କୁ ବନବିଭାଗ ଗିରଫ କରି ପଚରା ଉଚୁରା କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ମାନେ ବିଦ୍ୟୁତ୍ ତାର ବିଛାଇଥିବା ବନ ବିଭାଗ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ଦୋଷ ସ୍ବୀକାର କରିଥିଲେ। ତେବେ ବେଆଇନ ଭାବେ ବିଦ୍ୟୁତ ତାର ବିଛାଇ ବନ୍ୟ ଜନ୍ତୁ ଶିକାର କରିବା ଅଭିଯୋଗରେ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ଅନି ମାଝି (୪୫), ପଦୁ ମାଝି (୨୦), ତରଣୀ ମାଝି(୨୫),ଲବ ଭୁଏ(୨୦)ଏବଂ ସରୋଜ ବରିହା(୨୩)। ଏମାନେ ସମସ୍ତେ ଅସୁର ଡୁଙ୍ଗୁରିର ବୋଲି ତଦନ୍ତରୁ ଜଣା ପଡ଼ିଛି। ତେବେ ଅନୁମାନ କରାଯାଉଛି ବାରହା ଶିକାର ପାଇଁ ଜାଲ ସହ ବିଦ୍ୟୁତ୍ ତାର ବିଛାଇଥିବା ବେଳେ ହାତୀଟି ଶିକାରୀ ବିଛାଇ ଥିବା ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ହାତୀ ଚଳା ଚଲ କରୁଥିବା ବିଷୟରେ ଜଙ୍ଗଲ ବିଭାଗ ସଜାଗ ଥିବା ବେଳେ ବିଦ୍ୟୁତ୍ ବିଭାଗକୁ ଯୋଗାଯୋଗ କରି ଟ୍ରାନ୍ସଫରମର ଲାଇନ୍ କାହିଁକି କଟାଇ ନ ଥିଲେ। ତେବେ ଏବେ ବି ହାତୀ ଦାନ୍ତ ଖୋଜୁଥିବା ବେଳେ ଖୁବ୍ ଶୀଘ୍ର ମିଳିବ ବୋଲି ଜଙ୍ଗଲ ବିଭାଗ ସୂଚନା ଦେଇଛି।

ସୂଚନା ଅନୁଯାୟୀ ଆଜି ମଧ ଏକ ଦନ୍ତା ହାତୀର ମୃତ ଦେହ ବନ ବିଭାଗ ଭୀମ ଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରିଛି। ସୂଚନାରୁ ଜଣାପଡିଛି ମୃତ ହାତୀର ଆନୁମାନିକ ବୟସ ୪୫ ବର୍ଷ ହୋଇଥିବା ବନ ବିଭାଗ କହିଛି । ତେବେ ତଦନ୍ତ ହେଲେ ଜଣାପଡ଼ିବ ହାତୀ ମୃତ୍ୟୁର ରହସ୍ୟ।

ବଲାଙ୍ଗିର ରେଞ୍ଜ ଅଧୀନରେ ୧୦ ଜଣ ୱାଇଲ୍ଡ ଆନିମଲ୍ସ ପ୍ରୋଟେକସନ୍ ସ୍କ୍ୱାଡ ଥିବା ବେଳେ ତିନି ବର୍ଷ ମଧ୍ୟରେ ତିନୋଟି ହାତୀର ରହସ୍ୟ ଜନକ ଭାବେ ମୃତ୍ୟୁ ଘଟିଛି। ତେବେ ସରକାର ଏହି ପାରା ଷ୍ଟାଫ୍ ମାନଙ୍କ ପାଇଁ ରାଜ୍ୟ ରଜକୋଷରୁ ଦରମା ଏବଂ ଚାରି ଚକିଆ ଯାନ ପାଇଁ ଲକ୍ଷାଧିକ ଟଙ୍କା ଦେଉଥିବା ବେଳେ ଜଂଗଲୀ ଜନ୍ତୁ ମାନଙ୍କୁ ବିଭାଗ ସୁରକ୍ଷା ଦେବାରେ ଫେଲ ମାରିଛି। ଚର୍ଚ୍ଚା ହୁଏ କୁଆଡେ ଏହି ପାରା ଷ୍ଟାଫ୍ ମାନେ ବନ୍ୟ ଜନ୍ତୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହେବା ବଦଳରେ ବନ ବିଭାଗର କିଛି ପଦାଧିକାରୀଙ୍କ ଗୃହ କାର୍ଯ୍ୟରେ ନିୟୋଜିତ ଥିବାରୁ ଜଂଗଲୀ ଜୀବ ଜନ୍ତୁଙ୍କ ସୁରକ୍ଷା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କନ୍ଦରାଭଟାରେ ମୂଳନୀବାସୀ ଛାତ୍ର ଯୁବ ସାମ୍ମୁଖ୍ୟ ବୈଠକ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ କନ୍ଦରା ଭାଟା କଲ୍ୟାଣ ମଣ୍ଡପ ଠାରେ ଓଡିଶାର ଦଳିତ ବହୁଜନଙ୍କ ପାଇଁ ଆନ୍ଦୋଳନରତ ଅଗ୍ରଣୀ ଯୁବ ସଂଗଠନ ମୂଳ ନୀବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଗଠନର ସଭାପତି କବି ଚନ୍ଦନ ନାଗ ଅଧକ୍ଷତା କରିଥିଲେ । ପ୍ରଥମେ ସାମ୍ମୁଖ୍ୟର ସାଂସ୍କୃତିକ ଦଳ ଭୀମ ଗର୍ଜନ କଳା ମଞ୍ଚର ସଭାପତି ଗୋବର୍ଦ୍ଧନ ଛତର ଏକ ଜନ ଗୀତ ପରିବେଷଣ କରିଥିଲେ । ଏହି ଅବସରରେ କବି ହେମନ୍ତ ଦଳପତି ପ୍ରଫେସର ଗୋକରକୋନ୍ଦା ନାଗା ସାଇବାବାଙ୍କ ନିଧନ ହେବାର ଖବର ସମ୍ପର୍କ ଜଣାଇବା ସହିତ ସାଂସ୍କୃତିକ କର୍ମି ଗୋପାଲ ନାଇଡୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସାମ୍ମୁଖ୍ୟର ଉପଦେଷ୍ଟା ମୁକେଶ ସୁନା ଗନ୍ଧମାର୍ଦନ ସୁରକ୍ଷା ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ସହିତ ସଂଗଠନକୁ ଦୃଢ଼ କରିବାକୁ ମତ ରଖିଥିଲେ । ଏହି ଅବସରରେ ଉପଦେଷ୍ଟା ଶ୍ରୀପତି କୁମ୍ଭାର, ଶ୍ରୀଧର ନାଗ, ନରୋତ୍ତମ ମହାନନ୍ଦ, ଗୋପବନ୍ଧୁ ମହାନନ୍ଦ,ଅଶ୍ୱିନୀ ବାଗ,ସଞ୍ଜୟ,ମଳୟ ରଞ୍ଜନ କୁଅଁର, ଅଜିତ ମେହେର, ପଞ୍ଚା ମହାନନ୍ଦ, ଗୁପ୍ତେଶ୍ୱର କୁଅଁର, ଗଜରାଜ ନାଗ,କରୁଣା ଧରୁଆ, ପ୍ରତାପ କୁମ୍ଭାର, ଭୀଷ୍ମଦେବ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ବଲାଙ୍ଗିର ଦିନ୍ ପାଇଁ ଉପମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କ ସହ ଆଲୋଚନା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଦିନ୍ ଆୟୋଜକ କମିଟିର ଅଧକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପାଟଣାଗଡ ବିଧାୟକ ତଥା ଉପ–ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ସାଂସଦ ସଙ୍ଗିତା କୁମାରୀ ସିଂଦେଓଙ୍କୁ ଭେଟି ନଭେମ୍ବର ୧ ବଲାଙ୍ଗିର ଦିନ ସମ୍ବନ୍ଧରେ ଆଲୋଚନା କରିଥିଲେ । ନଭେମ୍ବର ୧ ବଲାଙ୍ଗିର ଦିନ ସକାଳୁ ମଞ୍ଚ ପୂଜା ଓ ସାଂସ୍କୃତିକ ଶୋଭାଯାତ୍ରା ପାଇଁ ଏବଂ ନଭେମ୍ବର ୨ ସନ୍ଧ୍ୟାରେ ସାଂସ୍କୃତିକ ସନ୍ଧ୍ୟା ପାଇଁ ଅବଗତ କରାଗଲା । ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ ପାଇଁ ଏକ ପତ୍ର ଉପ–ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ବଲାଙ୍ଗିର ଦିନରେ ଉପମୁଖ୍ୟମନ୍ତ୍ରୀ ଓ ସାଂସଦ ବଲାଙ୍ଗିର ଉପସ୍ଥିତ ରହିବା ପାଇଁ ସହମତି ପ୍ରକାଶ କରିଛନ୍ତି ।



ଶ୍ରୀକର ମିଶ୍ର, ଲୋଟସ ଷଡଙ୍ଗି, ପ୍ରଭାକର ମିଶ୍ର, ସଞ୍ଜିବ ସାହୁ, ବିନୋଦ କାଲସାଏ, ରବି ଖମାରୀ, ସନ୍ତୋଷ ପଟେଲ, ରାମ ଦାଶ, ସୁମେଶ ଡାଙ୍ଗ, ଆକାଶ ମହାରଣା, ହରିଓମ୍ ପଟେଲ, ନୂତନ ଦାସ, ହିମାନୀ ତ୍ରିପାଠୀ, ରଶ୍ମିତା ପାତ୍ର, ପୂଜା ସାହୁ, ମୌସମି ବାନାର୍ଜି, ଜ୍ୟୋର୍ତିମୟି ସାହୁ, ଅଶୋକ ରାଉତ, ରୁତୁରାଜ ପଧାନ, ଶ୍ରୀକାନ୍ତ ବେହେରା, ସୁନିଲ ମିଶ୍ର ପ୍ରମୁଖ ସାମିଲ ଥିଲେ ।

# ସମଲେଶ୍ୱରୀଙ୍କ ଦର୍ଶନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ସମ୍ବଲପୁର,(ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଶହରା ଅବସରରେ ସମ୍ବଲପୁର ଗସ୍ତରେ ଆସିଥିଲେ । ପବିତ୍ର ବିଜୟା ଦଶମୀ ଓ ଦଶହରା ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁରର ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କ ଦର୍ଶନ କରିଥିଲେ। ଏଥିସହ ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ବୁଲିବା ସହ ମା'ଦୁର୍ଗାଙ୍କ ଦର୍ଶନ କରିଛନ୍ତି। ସମ୍ବଲପୁରର ଠେଲକୋଲି ଓ ରେଙ୍ଗାଲି ଠାରେ ଦୁର୍ଗାପୂଜା ବୁଲିବା ସହ ଅଇଁଠାପାଲି ପିଏଚଡି ପଡିଆଠାରେ ରାବଣ ପୋଡ଼ି ଉତ୍ସବ – ୨୦୨୪ରେ ସାମିଲ ହୋଇ ରାବଣ ଦହନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଦୁର୍ଗା ପୂଜା କେବଳ ଏକ ପର୍ବ ନୁହେଁ ବରଂ ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ । ଆମର କଳା, ସଂସ୍କୃତି, ପରମ୍ପରାକୁ ଉଜାଗର କରିବାର ଅନନ୍ୟ ଅବସର । ଦୁର୍ଗା ପୂଜା ସାମାଜିକ ସମରସତାର ଅନନ୍ୟ ବିଭବ। ଆସୁରିକ ଶକ୍ତି ଉପରେ ଦିବ୍ୟଶକ୍ତି ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ । ପ୍ରଭୁ ଶ୍ରୀରାମ, ମା' ଦୁର୍ଗା ଓ ମା' ସମଲେଇଙ୍କ ଆଶୀର୍ବାଦରୁ ସମାଜରୁ ଅନ୍ଧକାର ରୂପକ ରାବଣ ବିଲୁପ୍ତ ହେଉ । ଆମ ରାଜ୍ୟ ଓ ଦେଶ ପ୍ରଗତିର ପଥରେ ଆଗକୁ ଯାଉ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି । ସେହିପରି ମାଁ ସମଲେଇଙ୍କ ଦର୍ଶନ କରିବା ସହ ସମ୍ବଲପୁର ହୀରାକୁଦ, ବୁର୍ଲାର ବିଭିନ୍ନ ପୂଜା ମଣ୍ଡପ ବୁଲି ଦର୍ଶନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବା ପରେ ସେ ରେଳବାଇ ଇନଷ୍ଟିଚ୍ୟୁଟ ଓ ଅନ୍ୟ ପୂଜା ମଣ୍ଡପକୁ ଯାଇ ମା'ଙ୍କ ଆଶୀର୍ବାଦ କାମନା କରିଥିଲେ । ଏହି ଗସ୍ତ ସମୟରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଜେପି ନେତା ସୁଶାନ୍ତ ପୁରୋହିତ, ସୀମାଞ୍ଚଳ ଖଟେଇ। ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିଗଶିରାରେ ମା' ଅପରାଜିତା ଦେବୀଙ୍କ ଦଶହରା ଖଣ୍ଡା ପୂଜା

ଡୁଙ୍ଗୁରିପାଲି,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ଗ୍ରାମରେ ବିଜୟା ଦଶମୀ ଶନିବାର ମା ଅପରାଜିତା ଦେବୀଙ୍କ ଦଶହରା ଖଣ୍ଡା ପୂଜା ପର୍ବ ଅନୁଷ୍ଠିତ ହୋଇଯାଇଛି । ଗାଁର ଗଡତିଆ ଲିଙ୍ଗରାଜ ନାଏକଙ୍କ ତତ୍ତ୍ୱାବଧାନରେ ଗଡ଼ତିଆ ପଡା ଦୁର୍ଗା ମନ୍ଦିରରେ ଖଣ୍ଡା ଧୋଇ ବରଣ କରି ୧୪ ଗୋଟି ଖଣ୍ଡା ଯୁବକ ମାନେ ଧରି ମନ୍ଦିରରୁ ବାହାରି ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଗଣ୍ଡା ପଡ଼ା ନିକଟରେ ଥିବା ମାଁ ଅପରାଜିତା ମନ୍ଦିର ଦଶହରା ପୂଜାକୁ ପହଞ୍ଚି ଥିଲେ । ସେଠାରେ ଭକ୍ତ ମାନେ ନେଇଥିବା ଖଣ୍ଡା ସବୁକୁ ମାଟି ତଳେ ବାଉଁଶ ଖଣ୍ଡ ଉପରେ ଥୋଇ ତା ଉପରେ ଖଣ୍ଡା ସବୁକୁ ସ୍ଥାପନ କରିଥିଲେ । ଗ୍ରାମର ଗଡତିଆ ଗ୍ରାମବାସୀଙ୍କ ମଙ୍ଗଳ କାମନା ଉଦେଶ୍ୟ ମା ଅପରାଜିତା,ଦୁର୍ଗା ମାଁ ଙ୍କୁ ଜଣାଇ ପୂଜା ଅର୍ଚ୍ଚନା କରିଥିଲେ । ସେଠାରେ ପାରମ୍ପରିକ ନୀତି ଅନୁସାରେ ଦେବୀ ମା ଙ୍କ ଖଣ୍ଡା ସବୁକୁ ପୂଜା କରିଥିଲେ । ବିଜୟା ଦଶମୀ ଦିନ ଦିଗଶିରା ଗ୍ରାମରେ ମହାଆଡମ୍ବର ଦଶହରା ଖଣ୍ଡା ପୂଜା ଅନୁଷ୍ଠିତ ହୋଇଯାଇଛି । ଦଶହରାପଦା ଖଳା ଦେବସ୍ଥଳିରେ ମାଁ ଙ୍କ ଭର୍ଣ୍ଣ , ଘଣ୍ଟ, ଶଙ୍ଖ, ହୁଳହୁଳି,ବୀରବାଦ୍ୟ ସହ ପୂଜା ମଣ୍ଡପ ମୁଖରିତ ହୋଇ କମ୍ପି ଉଠିଥିଲା । ଭକ୍ତ ମାନେ ସେଠାରେ ହଜାର ହଜାର ସଂଖ୍ୟାରେ ରୁଣ୍ଡ ହୋଇ ଅପରାଜିତା ମାଁ ଙ୍କୁ ନିଜର ମାନସିକ ଜଣାଇଥିଲେ । ନିଜେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ତଥା ଛାତ୍ର ଛାତ୍ରୀ ମାନେ ବହି ପତ୍ର ନେଇ ମାଁ ଙ୍କ ଆର୍ଶିବାଦ ପାଇବା ନେଇ ପୂଜା ସମୟରେ ପଠନ କରିଥିଲେ । ପୂଜା ସରିବା ପରେ ସେଠାରୁ ପ୍ରତ୍ୟାବର୍ତ୍ତନ କରି ରାସ୍ତାରେ ଯିବା ସମୟରେ ପ୍ରତ୍ୟେକ ଗଳି ରାସ୍ତା ଖୁଲିର ଘର ସମ୍ମୁଖରେ ଖଣ୍ଡା ସବୁକୁ ପୂର୍ଣ୍ଣ କଳସ ଢ଼ାଳି, ଦୀପ ଜାଳି ପୂଜା ଅର୍ଚ୍ଚନାକରି ମା ମାନେ ମାନସିକ ପୂରଣ ପାଇଁ ଗୁହାରି ଜଣାଇଥିଲେ । ଗ୍ରାମର ପ୍ରତି ଛକ ମାନଙ୍କରେ ବୀରବାଦ୍ୟ ସହ ଖଣ୍ଡା ଖେଳ ଓ ବାଡ଼ି ଖେଳ ଯୁବକ ମାନଙ୍କ ଦ୍ୱାରା ଉଚ୍ଚ କୋଟିର ଅନୁଷ୍ଠିତ ହୋଇଥିଲା । ଏହି ଦଶହରା ଖଣ୍ଡା ପୂଜା ଦେଖିବା ପାଇଁ ଆଖ ପାଖରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଦେଖିବାକୁ ମିଳି ଥିଲା । ବହୁ ପୁରାତନ ଯୁଗରୁ ରାଜାରାଜୁଡା ଅମଲ ସମୟରେ ସୋନପୁର ମହାରାଜ ଦିଗଶିରା ଗ୍ରାମର ଗଡତିଆଙ୍କୁ ଉତ୍ତର ଦିଗରେ ଥିବା ଗାଁ ମାନଙ୍କୁ ଯାଇ ଯୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତର ଦିଗରେ ଥିବା ଗ୍ରାମ ଗୁଡକୁ ଗଡତିଆ ନିଜ ବଂଶଜ ଓ ଗାଁ ଲୋକଙ୍କୁ ନେଇ ଲଢ଼େଇ କରି ଯାଇଥିଲେ । ଲଢ଼େଇ କରି ଫେରିବା ବାଟରେ ଆସିବା ସମୟରେ ଗାଁର ଗଣ୍ଡା ପଡ଼ା ନିକଟ ଦଶହରା ପଦାଖଳା ଠାରେ ଖଣ୍ଡାର ରକ୍ତ ସେହି ବିଜୟାଦଶମୀ ଦିନ ସେଠାରେ ପଡିବାରୁ ସେହି ଦିନଠାରୁ ସେଠାରେ ଖଣ୍ଡା ପୂଜା କରାଯାଏ ବୋଲି ଗାଁର ଗଡତିଆ ଲିଙ୍ଗରାଜ ନାଏକ ପ୍ରକାଶ କରିଛନ୍ତି । ଖଣ୍ଡା ସବୁ କୁ ଗାଁ ର ଯୁବକ ମାନେ ହାତରେ ଧରି ଲିଙ୍ଗରାଜ ନାଏକଙ୍କ ସହ ପୂର୍ଣ୍ଣଚନ୍ଦ୍ର ନାଏକ, ସୁରୁବାବୁ ଅମାତ,ଗୁଣନିଧି ଭୁକ୍ତା, ନେପାଳ ପଧାନ , ପ୍ରଭୁ ଅମାତ,ଶିବ ଦଣ୍ଡସେନା,ବଳଭଦ୍ର ଦେହେରୀ, ଗିରି ଅମାତ, ହେମସାଗର ଝାଙ୍କର, ଧନବାବୁ ବେହେରା, ଅର୍ଜୁନ ମୁଣ୍ଡା, ଅନିରୁଦ୍ଧ ଦଣ୍ଡସେନା,ରମେଶ ଭୋଇ,ଅରକ୍ଷିତ ବକୁଳ,ରମେଶ ପୁଟେଲ,ଖଣ୍ଡା ସବୁ ଧରି ଶୋଭାଯାତ୍ରାରେ ବାହାରିଥିଲେ। ଏହି ଦଶହରା ଖଣ୍ଡା ପୂଜା ଶୋଭାଯାତ୍ରାରେ ହଜାର ହଜାର ଲୋକ ଭିଡ ଲାଗି ରହିଥିଲା । ଦିଗଶିରା ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଏହି ଖଣ୍ଡା ପୂଜା ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଥିଲା ।

# ଆଶାକର୍ମୀଙ୍କ ଶୋଭାଯାତ୍ରା ଓ ଜିଲ୍ଲାପାଳଙ୍କୁ ଦାବିପତ୍ର

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ଆଶାକର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । କୋରାପୁଟ ଜିଲାରେ କାର୍ଯ୍ୟରତ ଦୁଇଜାରରୁ ଉର୍ଦ୍ଧ୍ୱ ଆଶାକର୍ମୀ ବସଷ୍ଟାଣ୍ଡ ନିକଟସ୍ଥ ଶିବ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ । ୧୭ ବର୍ଷ ହେଲାଣି ସେମାନେ ବିନା ପାରିଶ୍ରମିକରେ କେବଳ ପୋତ୍ସାହନ ଭତା ପାଇ ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କୁ ସଫଳତାର ସହ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଆସୁଛନ୍ତି । ତେବେ ଏତେ ଦିନ ପରେ ମଧ ସରକାର ଆଶାକର୍ମୀଙ୍କ କୌଣସି ଦାବି ମାନିବାତ ଦୂରର କଥା ସମସ୍ୟାର ସମାଧାନ କରିବାରେ କୌଣସି ପଦକ୍ଷେପ ନେଇ ନାହାନ୍ତି ବୋଲି ସଂଘ ଅଭିଯୋଗ କରିଛି । ଆଶାକର୍ମୀ ମାନଙ୍କ ପ୍ରମୁଖ ଦାବି ମଧ୍ୟରେ ସରକାରୀ ମାନ୍ୟତା ପ୍ରଦାନ ସହ ମାସିକ ସର୍ବନିମ୍ନ ୧୮ ହଜାର ଟଙ୍କା ଦରମା ପ୍ରଦାନ, ଅବସରକାଳୀନ ସହାୟତା ୫ ଲକ୍ଷ ଟଙ୍କା ଏବଂ ଅବସର ପରେ ମାସିକ ୫ ହଜାର ଟଙ୍କା ପେନସନ, ସାମାଜିକ ସୁରକ୍ଷା ପ୍ରଦାନ କରିବା,ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ୫ ଲକ୍ଷ ଟଙ୍କା କ୍ଷତି ପୂରଣ,ଜାତୀୟ ସ୍ୱାସ୍ଥ୍ୟ ମିଶନ ସ୍ଥାୟୀ କରିବା, ସମସ୍ତ ସିଏଚସିରେ ରେଷ୍ଟରୁମ ବ୍ୟବସ୍ଥା କରିବା, ସମସ୍ତଙ୍କୁ ବୀମାଭୁକ୍ତ କରିବା ,ଟୀକାକରଣ ପାଇଁ ତାଲିମ ବ୍ୟବସ୍ଥା କରିବା ସହ ଯାତାୟାତ ନିମନ୍ତେ ଆଶାକର୍ମୀମାନଙ୍କୁ ସ୍କୁଟି ଦେବା ରହିଛି । ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି । ଭାରତୀୟ ମଜଦୁର ସଂଘ କୋରାପୁଟ ଜିଲ୍ଲା ସଂପାଦକ ବିରଞ୍ଚି ନାରାୟଣ ଷଡଙ୍ଗୀଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ଅଖିଳ ଭାରତୀୟ ଆଶାକର୍ମୀ ମହାସଂଘର ସହ ସଂପାଦିକା ଝିମୀମା ଖରା, ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ସଧାରଣ ସମ୍ପାଦିକା କମଳା ବେହେରା,ଜିଲ୍ଲା ସଭାନେତ୍ରୀ ସୁଚିତ୍ରା ରାଣୀ ସେଠୀ, ସଂପାଦିକା ଭବାନୀ ପୂଜାରୀ ପ୍ରମୁଖଙ୍କ ସହ ହଜାର ହଜାର ଆଶାକର୍ମୀ ମାନେ ଯୋଗଦେଇଥିଲେ। ଡେପୁଟି କଲେକ୍ଟର ସୁବ୍ରତ କୁମାର ସାହୁ ଦାବିପତ୍ର ଗ୍ରହଣ କରିଥିଲେ।

# ଧର୍ମ ପରାୟଣ ମହିଳାଙ୍କ ପରଲୋକ



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ପୁରୁଣା ରାଜବାଟୀ ନିବାସୀ ଧର୍ମ ପରାୟଣ ମହିଳା ଅହଲ୍ୟା ଦେବୀଙ୍କ (୬୭) ପରଲୋକ ହୋଇଯାଇଛି । ସେ କିଛି ଦିନ ହେଲା ଅସୁସ୍ଥ ଥିଲେ । ତାଙ୍କ ଦେହାନ୍ତ ସମୟରେ ଦୁଇ ପୁଅ ସୁରଜ ସିଂହ, କିରଣ ସିଂହ, ଦୁଇ ବୋହୁ, ଝିଅ ଶନ୍ତୁ ସିଂହ, ଜ୍ୱାଇ ସମେତ ରନ୍ ମଞ୍ଜରୀ ସିଂହ, ନାତି ନାତୁଣି ଉପସ୍ଥିତ ଥିଲେ । ବିଭୁତି ପଡା ସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁତୁରା ସୁବାଷ ସିଂହ, ସୁନିଲ ସିଂହ, ଭଣଜା ରତୁରାଜ ସିଂହ ସମେତ ସୁରୁଗୁଣ୍ଡ ସିଂହଦେଓ, ବାବୁଲା ସିଂହଦେଓ, ଲୁକୁ ସିଂହ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ତାଙ୍କର ବଡପୁତ୍ର ସୁରଜ ମୁଖାଗ୍ନି ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଓ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ଅହଲ୍ୟା ଦେବୀଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି ।

# ଗାଡ଼ି ଧକ୍କାରେ କଲରାପତରିଆ ବାଘର ମୃତ୍ୟୁ !

ବରଗଡ,(ସବ୍ୟୁ): ବରଗଡ ଜିଲ୍ଲା ଆମ୍ବାଭୋନା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରୀ ଜଙ୍ଗଲ ଦେଇ ଯାଇଥିବା ରାସ୍ତାରେ ମଙ୍ଗଳବାର ରାତିରେ ଗାଡ଼ି ଧକ୍କାରେ ଗୋଟିଏ କଲରାପତରିଆ ବାଘର ମୃତ୍ୟୁ ହୋଇଥିବା ଅସମର୍ଥିତ ସୂତ୍ରରୁ ଜଣାଯାଇଛି । ଏନେଇ ବନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କେହି ଫୋନ ଉଠାଇନଥିଲେ ।

# ଦୁର୍ଗାପୂଜା ଭସାଣି ବେଳେ ଛୁରାମାଡ଼ : ନାବାଳକ ମୃତ

ନବରଙ୍ଗପୁର,(ସବ୍ୟୁ): ଦୁର୍ଗା ପୂଜା ଭସାଣିବେଳେ ଛୁରାମାଡ଼ । ଏଥିରେ ଜଣେ ନାବାଳକର ଜୀବନ ଯାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ନବରଙ୍ଗପୁର ଟାଉନ୍ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତ ନାବାଳକ ଜଣଙ୍କ ଦଣ୍ଡାସି ସାହିର କିରଣ ଗାଦବା। ଆହତ ନାବାଳକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୋମବାର ବିଳମ୍ବିତ ରାତିରେ ନବରଙ୍ଗପୁର ଟାଉନ୍ ଥାନା ଅଞ୍ଚଳରେ ଦୁର୍ଗା ପୂଜା ଭସାଣି ଚାଲିଥିଲା। ଏହି ସମୟରେ କୌଣସି କଥାକୁ ନେଇ ସୌରାସାହି ଓ ବଡ଼ହରିଜନ ସାହି ପିଲାଙ୍କ ମଧ୍ୟରେ ବଚସା ହୋଇଥିଲା। ଧୀରେ ଧୀରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଛୁରା ମାଡ଼ ହୋଇଥିଲା। ଏଥିରେ ଜଣେ ନାବାଳକର ମୃତ୍ୟୁ ଘଟିଥିବା ବେଳେ ଜଣେ ନାବାଳକ ଆହତ ହୋଇଥିଲେ। ପୁଲିସ ପହଞ୍ଚି ବୁଝାସୁଝା କରିବା ଉତ୍ତେଜନା ଥମିଥିଲା। ଆହତ ନାବାଳକଙ୍କୁ ଉଦ୍ଧାର କରାଯାଇ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ମାମଲାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ଟାଉନ ଥାନା ପୁଲିସ।

# ବନ୍ଦ ଘରୁ ମହିଳାଙ୍କ ମୃତ ଦେହ ଉଦ୍ଧାର

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ଥାନା ଅନ୍ତର୍ଗତ ଝିଲିମିଲି ଗ୍ରାମରେ ବନ୍ଦ ହୋଇ ରହିଥିବା ଘରୁ ମହିଳାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ଖବର ପାଇ ଥାନା ଆଇଆଇସି ଯୁଗଳ କିଶୋର ସା ଓ ପୋଲିସ ଷ୍ଟାଫ ଗ୍ରାମକୁ ଯାଇଥିଲେ। ବନ୍ଦ ହୋଇ ରହିଥିବା ଘରୁ ମହିଳାଙ୍କ ମୃତ ଦେହ ରହିଥିବା ଦେଖି ପ୍ରଥମେ ବାହାରପଟୁ ଦିଆଯାଇଥିବା ତାଲାକୁ ପୋଲିସ ଭାଙ୍ଗି ମୃତ ଦେହକୁ ଉଦ୍ଧାର କରିଥିଲେ। ମୃତ ମହିଳାଙ୍କ ନାମ ରୋଜି ରାଉତ(୪୨)। ଗତ ଦୁଇ ଦିନ ହେଲା ରୋଜିଙ୍କୁ ତାଙ୍କ ସ୍ୱାମୀ ବଳରାମ ପାଇକ ଘରର ବାହାରପଟୁ ତାଲା ଦେଇ କୁଆଡେ ପଳାଇଥିଲେ। ମହିଳାଙ୍କ ମୃତ୍ୟୁ କେଉଁ କାରଣରୁ ହେଲା ତାହା ସନ୍ଦେହ ଜନକ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ସ୍ୱାମୀ ବଳରାମ ପ୍ରତିଦିନ ମଦ ପିଇ ସ୍ତ୍ରୀ ରୋଜିକୁ ମାରପିଟ କରୁଥିବା କହିଛନ୍ତି। ପୋଲିସ ମୃତ ଦେହକୁ ବୋରିଗୁମ୍ମା ମେଡ଼ିକାଲରେ ରଖିଥିଲେ। ମଙ୍ଗଳବାର ମୃତ ମହିଳାଙ୍କ ସମ୍ପର୍କୀୟ ଥାନାରେ ପହଞ୍ଚିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

# କୋରାପୁଟ ଜଗନ୍ନାଥ ମନ୍ଦିରରେ ଲାଠିଯାତ୍ରା ସମ୍ପନ୍ନ

କୋରାପୁଟ,(ସବ୍ୟୁ): ବିଜୟାଦଶମୀ ଅବସରରେ କୋରାପୁଟ ଜଗନ୍ନାଥ ମନ୍ଦିର ପରିସରରେ ଲାଠିଯାତ୍ରା ସମ୍ପନ୍ନ ହୋଇଯାଇଛି । କୋରାପୁଟ ସହରର ଆଖପାଖ ଗ୍ରାମରୁ ୩୨ ଟି ଲାଠି ଆସିଥିଲା। ରାଜା ରାଜୁଡା କାଳରୁ ଲାଠିକୁ କାନ୍ଧରେ ଧରି ଜୟପୁର ଦଶହରାକୁ ନିଆ ଯାଉଥିବା ବେଳେ ଅନେକ ବର୍ଷ ଧରି କୋରାପୁଟ ଚାରିପାଖରେ ଥିବା ଗାଁ ର ଲୋକେ ଶାବର ଶ୍ରୀକ୍ଷେତ୍ର କୋରାପୁଟରେ ନିଶାଣୀ ମୁଣ୍ଡାରେ ସାମୁହିକ ଲାଠି ପୂଜା କରୁଥିବା ମନ୍ଦିର ପରିଚାଳନା କମିଟି ସଂପାଦକ ଜଗବନ୍ଧୁ ସାମଲ ଜଣାଇଛନ୍ତି। କୋରାପୁଟ ପାଖାଆଖ ଅନେକ ଗ୍ରାମରୁ ନିଜ ନିଜ ଗ୍ରାମଦେବୀଙ୍କ ପ୍ରତିନିଧି ସ୍ୱରୂପ ପ୍ରସ୍ତୁତ ଲାଠି ସହିତ ଜଗନାଥ ମନ୍ଦିରରେ ଶହଶହ ଆଦିବାସୀ ପରିବାର ଆସି ପାରମ୍ପରିକ ଯାତ୍ରାରେ ସାମିଲ ହୋଇଥିଲେ ବୋଲି ସେ କହିଛନ୍ତି। ଗୁରୁମାଇଙ୍କ ଆଦିବାସୀ ଭାଷାରେ ଉଚ୍ଚାରିତ ମନ୍ତ୍ର ସହିତ ପାରମ୍ପରିକ ବାଦ୍ୟର ଝଙ୍କାର ମଧ୍ୟରେ ସମସ୍ତେ ନାଚି ଉଠିଥିଲେ । ମା ବିମାଳାଙ୍କ ପାଖରେ ଧୂପ ଦୀପ ନୈବେଦ୍ୟ ଅର୍ପଣ କରିବା ପରେ ସେମାନେ ଲମ୍ବାଲମ୍ବା ଲାଠିଗୁଡିକୁ ଧରି ବାଜାବାଜେଣି ସହ ସହର ପରିକ୍ରମା କରି କୋରାପୁଟର ଗ୍ରାମ ଦେବୀ ନିଶାଣୀ ମୁଣ୍ଡାଙ୍କ ପୀଠରେ ଆସି ଏକତ୍ରିତ ହୋଇ ପୂଜାର୍ଚ୍ଚନା କରି ସ୍ୱଗ୍ରାମକୁ ଫେରିଯାଇଛନ୍ତି । ଲାଠି ଆଣିଥିବା ଗ୍ରାମବାସୀ ଓ ଏହି ଯାତ୍ରାରେ ସାମିଲ ହୋଇଥିବା ଗୁରୁମାଇ ମାନଙ୍କୁ ଜଗନାଥ ମନ୍ଦିର କମିଟି ତରଫରୁ ମନ୍ଦିର ପ୍ରାଙ୍ଗଣରେ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଶାବର ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ଏହି ଅନନ୍ୟ ଯାତ୍ରାକୁ ଦେଖିବା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ପରିଚାଳନା କମିଟି ସଂପାଦକ ଜଗବନ୍ଧୁ ସାମଲଙ୍କ ସହ ନିଳାଦ୍ରୀ ପଟ୍ଟନାୟକ,ଭବାନୀ ଶଙ୍କର ଆଚାର୍ଯ୍ୟ, ଲଲାଟେନ୍ଦୁ ବିଦ୍ୟାଧର ଦେଓ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରକାଶ କର ଓ ଲକ୍ଷ୍ମୀଧର ଖଟୁଆ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ସନ୍ଦେହରେ ଯୁବକଙ୍କ ମୃତ୍ୟୁ
# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅନ୍ତର୍ଗତ ଛୋଟାଗୁଡ଼ା ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଏବଂ ଗ୍ରାମବାସୀ ସନ୍ଦେହ କରିଛନ୍ତି। ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିବା ସହ ନିରପକ୍ଷ ତଦନ୍ତ ଦାବି କରିଛନ୍ତି। ଝରିଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ସୋମବାର ଛଟାଗୁଡ଼ା ଗ୍ରାମରେ ଦୁର୍ଗାପୂଜା ଉପଲକ୍ଷେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିଳମ୍ବିତ ରାତିରେ ବିବେକାନନ୍ଦ ମହନ୍ତ ଏବଂ ପିଉସୀ ପୁଅ ଭାଇ ଗିରିଧାରୀ ଗୋଲଦାର ଉପସ୍ଥିତ ଥିଲେ। ରାତି ପ୍ରାୟ ୧ଘଣ୍ଟା ୩୦ ମିନିଟରେ ସମ୍ପର୍କୀୟ ଭାଇ ରଞ୍ଜନ ମହନ୍ତ ମୋବାଇଲ ଫୋନରେ କହିଲେ ଯେ, ବିବେକାନନ୍ଦଙ୍କ ଭାଇ ସୁବଳ ମହନ୍ତ (୩୦)ଙ୍କ ଦେହ ବହୁତ ଅସୁସ୍ଥ ଅଛି।

ସୂଚନା ପାଇ ବିବେକାନନ୍ଦ ଏବଂ ଗିରିଧାରୀ ଛୋଟାଗୁଡ଼ା ଗ୍ରାମ ଠାରୁ ଏକ କିଲୋମିଟର ଦୂରରେ ଜମି ନିକଟରେ ରହୁଥିବା ଭାଇ ସୁବଳ ଘରେ ପହଞ୍ଚି ଥିଲେ। ସେଠାରେ ସୁବଳ ରକ୍ତାକ୍ତ ଅବସ୍ଥାରେ ଘର ଭିତରେ ପଡିଥିବା ବେଳେ ତଣ୍ଟିରେ ଗଭୀର ଆଘାତ ହୋଇଥିବା ଦେଖିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ସୁବଳଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ ନେବା ସମୟରେ ମୃତ୍ୟୁ ହୋଇଥିଲା। ଉମରକୋଟ ଠାରେ କାର୍ଯ୍ୟରତ ଡାକ୍ତର ସୁବଳଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ପରିବାର ଲୋକ ଏବଂ ଗ୍ରାମବାସୀ ସୁବଳଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳକୁ ଉମରକୋଟ ଏସଡିପିଓ ମଧୁସ୍ମିତା ମିଶ୍ର, ଝରିଗାଁ ଥାନା ଅଧିକାରୀ ତପନ କୁମାର ପତି ସହ ଝରିଗାଁ ଥାନା କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ଅନ୍ୟପକ୍ଷେ ପରିବାର ଲୋକ ଘଟଣା ସମ୍ପର୍କରେ ସୁବଳଙ୍କ ସ୍ତ୍ରୀ ଚଞ୍ଚଳା ମହାନ୍ତଙ୍କୁ ପଚାରିବାରୁ ବିଦ୍ୟୁତ ଆଘାତ ଯୋଗୁଁ ତଣ୍ଟିରେ ଗଭୀର ଆଘାତ ହୋଇଥିବା କହିଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧାନ କରି ପରିବାର ଲୋକ ଏବଂ ଗ୍ରାମବାସୀ ସୁବଳଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳକୁ ଉମରକୋଟ ଏସଡିପିଓ ମଧୁସ୍ମିତା ମିଶ୍ର, ଝରିଗାଁ ଥାନା ଅଧିକାରୀ ତପନ କୁମାର ପତି ସହ ଝରିଗାଁ ଥାନା କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସେହିପରି ସାଇଣ୍ଟିଫିକ ଟିମର ଆଶ୍ରୟ ନେଇ ଥିବା ସୂଚନା ମିଳିଛି। ପରିବାର ଲୋକେ ଏବଂ ଗ୍ରାମବାସୀ ସୁବଳଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡିବ ବୋଲି ଝରିଗାଁ ପୁଲିସ ସୂଚନା ଦେଇଛି।

# ବନୀକରଣ ଦୁର୍ନୀତି ଧରିଲେ ଉପମୁଖ୍ୟମନ୍ତ୍ରୀ, ଫରେଷ୍ଟର ନିଲମ୍ବିତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଲରମ୍ବା ଫରେଷ୍ଟ ବିଟ୍ ରେ ବନୀକରଣ ଦୁର୍ନୀତି ସାମ୍ନାକୁ ଆସିଛି। ଅଭିଯୋଗ ପାଇବା ପରେ ନିଜେ ପାଟଣାଗଡ଼ ବିଧାୟକ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବନ ଅଧିକାରୀଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଅଭିଯୋଗରେ ସତ୍ୟତା ଥିବା ଜାଣିବାକୁ ପାଇଥିଲେ। ଏହି ଘଟଣାରେ ଫରେଷ୍ଟର ସତ୍ୟବ୍ରତ ନାଏକଙ୍କୁ ରବିବାର ନିଲମ୍ବନ କରାଯାଇଛି।

ସୂଚନା ଅନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷରେ ଲରମ୍ବା ବିଟ୍ ଅନ୍ତର୍ଗତ ୪ଟି ଡଙ୍ଗରରେ ବୃକ୍ଷରୋପଣ ପାଇଁ ୧୧ ଲକ୍ଷ ଟଙ୍କା ମଞ୍ଜୁର କରିଥିଲା ବନ ବିଭାଗ। ତେବେ ଉକ୍ତ ଡଙ୍ଗର ଗୁଡ଼ିକରେ କମ୍ ଗଛ ଲଗାଇ ଅଧିକ ଦର୍ଶାଯିବା ସହ ବିଲ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହା ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅବଗତ ହେବା ପରେ ପାଟଣାଗଡ଼ ରେଞ୍ଜର ଓ ଲରମ୍ବା ଫରେଷ୍ଟରଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ବୁରଜା ଡଙ୍ଗରରେ ଗଛ ଲଗାଯାଇଥିବା ନେଇ ଫରେଷ୍ଟର ତାଙ୍କୁ କହିଥିଲେ। ପରେ ଘଟଣାସ୍ଥଳରେ ତଦନ୍ତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବଲାଙ୍ଗିର ଡିଏଫ୍ଓଙ୍କୁ ଡକାଇ ରେଞ୍ଜର, ଫରେଷ୍ଟର ଓ ବନ ବିଭାଗର କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳ ଅଭିମୁଖେ ଯାଇଥିଲେ। ଉପରୋକ୍ତ ଅଧିକାରୀମାନଙ୍କ ସହ ଶ୍ରୀ ସିଂହଦେଓ ଦମକିପାଲି, ଠେଲକୋଛାପର ଓ ଲାହୋରକୁରୀ ଅଞ୍ଚଳର ପାହାଡ଼ ତଥା ଜଙ୍ଗଲରେ ବୁଲି ତଦନ୍ତ କରିଥିଲେ। ଘଟଣାସ୍ଥଳ ବୁଲି ଦେଖିବା ପରେ ଶ୍ରୀ ସିଂହଦେଓ ବିରକ୍ତି ପ୍ରକାଶ କରିଥିଲେ। ସେଠାରୁ ଫେରି ଲରମ୍ବା ଫରେଷ୍ଟ ଅଫିସରେ କାଗଜପତ୍ର ଅନୁଧ୍ୟାନ କରିଥିଲେ। ଗଛ ଲଗାରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ଜଣାପଡ଼ିବା ପରେ ଫରେଷ୍ଟର ଶ୍ରୀ ନାଏକଙ୍କୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି ।

# ଏନ୍ଏସ୍ଏସ୍ ପକ୍ଷରୁ ଫାଷ୍ଟଏଡ୍ ଓ ପାନୀୟ ଜଳ ସେବା

ଭବାନୀପାଟଣା,(ସବ୍ୟୁ): ମାଁ ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ସ୍ଥାନୀୟ ଜୟ ପ୍ରକାଶ ସାକ୍ଷୀ ଡିଗ୍ରୀ ମହାବିଦ୍ୟାଳୟର ଏନ୍ଏସ୍ଏସ୍ ୟୁନିଟ ତରଫରୁ ଫାଷ୍ଟଏଡ୍ ଓ ଶୁଦ୍ଧ ପାନୀୟ ଜଳ ସେବା ପ୍ରଦାନ କରାଯାଇଛି। ଏନ୍.ଏସ୍.ଏସ କାର୍ଯ୍ୟକାରୀ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଏହାର ସୁପରିଚାଳନାଗତ ଦାୟିତ୍ୱ ତୁଲାଇ ଥିବା ବେଳେ ମହାବିଦ୍ୟାଳୟର ଅନେକ ସ୍ୱେଚ୍ଛାସେବୀ ଏହାକୁ ସହଯୋଗ କରିଥିଲେ। ଏହାଦ୍ୱାରା ବହୁମାତ୍ରାରେ ଶ୍ରଦ୍ଧାଳୁ ପାନୀୟ ଜଳର ସୁବିଧା ପାଇଥିବା ବେଳେ ମହାବିଦ୍ୟାଳୟର ଏନ୍ଏସ୍ଏସ୍ ୟୁନିଟ୍ର ଏହି କାର୍ଯ୍ୟ ପାଇଁ ଅନେକ ପ୍ରଶଂସା କରିଛନ୍ତି। ଅଧକ୍ଷ୍ୟ ଛବିଲାଲ ସାହୁ ଓ ଅନ୍ୟାନ୍ୟ କର୍ମଚାରୀ ସମସ୍ତେ ସହଯୋଗ କରିବା ସହ ସମାଜସେବାରେ ଛାତ୍ରଛାତ୍ରୀ ମାନଙ୍କ ସ୍ୱେଚ୍ଛାକୃତ ସେବା ପାଇଁ ଧନ୍ୟବାଦ ଦେଇଛନ୍ତି।

# ରାଜ୍ୟରେ ରେରା ଆଇନ ହୋଇପାରେ ପରିବର୍ତ୍ତନ

ସମ୍ବଲପୁର,(ସବ୍ୟୁ): ରାଜ୍ୟରେ ରେରା ଆଇନର ପରିବର୍ତ୍ତନ ପାଇଁ ବିଭାଗ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଅସୁବିଧା ସମୟରେ ସମସ୍ତ ଜମି ବିକ୍ରି କରିବାର ଆବଶ୍ୟକତା ନାହିଁ । ଜମିର ସତ୍ତ୍ୱାଧୀକାର ନିଜ ଜମିର କିଛି ଅଂଶ ମଧ୍ୟ ବିକ୍ରି କରିପାରିବେ । ସେନେଇ ରେରା ଆଇନରେ ଆବଶ୍ୟକତା ନହେବା ନେଇ ଆଲୋଚନା କରାଯିବ । ନୀରିହ ଲୋକଙ୍କୁ ଠକାମୀ କରାଯାଉଥିବା ଅଭିଯୋଗ ଉପରେ ଦଲାଲ ମାନଙ୍କୁ ସ୍ପଷ୍ଟ ଚେତାବନୀ ଦେଇ ସେ କହିଛନ୍ତି ଯେ, କାମ ନଥାଇ ବାରମ୍ବାର ରେଜିଷ୍ଟ୍ରି ଅଫିସକୁ ଆସିଲେ ଦଲାଲ ବୋଲି ଧରାଯିବ । ସିସିଟିଭି ଫୁଟେଜ ଆଧାରରେ ଫଟୋ ଚିହ୍ନଟ କରି ଡିଏସଆର୍ ଦପ୍ତର କାନ୍ଥରେ ଲଗାଯିବ । ମନ୍ଦ ଉଦ୍ଦେଶ୍ୟ ରଖି ସେବା ଦେବାରେ ଅବହେଳା କଲେ ଓ ପ୍ରମାଣ ମିଳିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ । ସ୍ଥାନୀୟ ଜିଲ୍ଲା ନିବନ୍ଧକ କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନ ପରେ ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି । ଲୋକଙ୍କୁ ରାଜସ୍ୱ ସେବା ଦେବାରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନେବା ନେଇ ପ୍ରତିଶ୍ରୁତି ଦେଇଛନ୍ତି । ଦୁର୍ନୀତି କଲେ ନିଜେ ତଦନ୍ତ କରିବା ପାଇଁ ପ୍ରସ୍ତୁତ ଥିବା ସେ କହିଛନ୍ତି। ଏହା ସହ ଅଧିକାରୀ ମାନଙ୍କୁ ମଧ୍ୟ ତାଗିଦ୍ କରିବା ସହ ଜନ ସାଧାରଣଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଛନ୍ତି । ଏହା ସହ କାର୍ଯ୍ୟାଳୟକୁ ରେଜଷ୍ଟ୍ରି ପାଇଁ ଆସୁଥିବା ଲୋକଙ୍କ ଏକ ତାଲିକା ରଖି ଫିଡବ୍ୟାକ ନେବା ପାଇଁ ଡିଏସଆରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଲାଖମରା ଏକ ରାଜାରାଜୁଡା ପରମ୍ପରା



ରାୟଗଡା,(ସବ୍ୟୁ): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର କାଶିପୁର ଠାରେ ରାଜତନ୍ତ୍ରର ଶାସନ କାଳରେ ରାଜପରିବାର ଦେବୀଙ୍କ ଉପାସକ ଥିଲେ। ଅଧିଷ୍ଠାତ୍ରୀ ଦେବୀ ମାଣିକେଶ୍ୱରୀଙ୍କ ଦଶମୀ ତିଥିରେ ଲାଖମରା ପର୍ବର ପରମ୍ପରା ଅନୁଷ୍ଠିତ ହୋଇଥାଏ । ତାହା ଆଜିବି ରହିଛି । ସାଧାରଣତଃ ରାଜାରାଜୁଡ଼ାଙ୍କ ଅମଳରୁ ଚାଲି ଆସୁଥିବା ଏହି ପରମ୍ପରାକୁ ଆଜି ଆମେ ସାଧାରଣତଃ ବିଶ୍ୱସ୍ତରରେ ଏକ କ୍ରୀଡା ରୂପେ ମଧ ଦେଖି ଆସୁଛୁ । ଏହି ଲାଖମରା ବିଜୟାଦଶମୀ ତଥା ଦଶହରା ଦିନ ନୀତି ନିୟମର ସହ ପାଳନ କରାଯାଇଥାଏ । ଲାଖମରା ଉପଲକ୍ଷେ ଦେବୀ ପୀଠରୁ ଝୁଣା ଗନ୍ଧ ମହମହ ହୋଇ ଛୁଟି ଚାଲିଛି । ମହୁରୀ ସାଙ୍ଗକୁ ଢୋଲ ନିଶାଣ ଟାମକ ଆଦି ପାରମ୍ପାରିକ ବାଦ୍ୟ ଦୁନ୍ଦୁଭିରେ ଦୁଲୁକି ଉଠିଛି ପୀଠ । ଗାଁ ଗଣ୍ଡାରୁ ପୀଠରେ ଆସି ପହଞ୍ଚୁଛି ବେଲପତ୍ର ଓ ମନ୍ଦାର ମାଳ । ରାଜ୍ୟ ସାରା ଲୋକେ ଦେବୀ ମାଙ୍କ ସାନିଧ ଟିକିଏ ପାଇବା ପାଇଁ ଧାଇଁ ଆସୁଛନ୍ତି ଏହି ପୀଠକୁ । ରାଜାରାଜୁଡା ଅମଳରୁ କାଶୀପୁରରେ ଏମିତି ଏକ ପରମ୍ପରାରୁ ଚାଲିଆସୁଛି ଲାଖବିନ୍ଧା ପର୍ବ। ମା ମାଣିକେଶ୍ୱରୀଙ୍କ ମନ୍ଦିରରେ ମୂଳାଷ୍ଟମୀରୁ ମହାଷ୍ଟମି ୧୬ଦିନ ଧରି ଷୋଡଷ ଉପଚାର ଓ ତନ୍ତ୍ର ପୂଜା କରିବା ପରେ ନବମୀ ଗତେ ଦଶମୀ ତିଥିରେ ମନ୍ଦିର ଓ ରାଜ ପରମ୍ପରା ଅନୁଯାଇ ବୁଢାରାଜା ପୀଠରେ ଅନୁଷ୍ଠିତ ହୁଏ ଲାଖବିନ୍ଧା ପର୍ବ। ଅପରାଜିତା ପୂଜା ବିଧି ସମ୍ପନ୍ନ କରି କାଶୀପୁର ରାଜା ତଥା ଦେବ ପରିବାରର ବଂଶଜ ରାଜା ଡାକ୍ତର ଦ୍ୱିବେନ୍ଦୁ କୁମାର ଦେବଙ୍କ ଅନୁମତି କ୍ରମେ ନକଟିଗୁଡି ମନ୍ଦୀର ନିକଟରେ ଥିବା ଆମ୍ବଗଛର ଶୀର୍ଷରେ କାକୁଡି ବାନ୍ଧିଥାନ୍ତି। ମନ୍ଦିରର ପୂଜାବିଧି ସମ୍ପର୍ଣ୍ଣ ହେବାପରେ ସାତଭଉଣୀ ମନ୍ଦିରର ପୂଜକ ପୂଜା ପାଉଥିବା ଖଣ୍ଡାସହ ଏକ ପଟୁଆରରେ ଜଗନ୍ନାଥ ମନ୍ଦିର ନିକଟକୁ ଆସିଥାନ୍ତି। ମା ମାଣିକେଶ୍ୱରୀ ମନ୍ଦିରର ପୂଜକ ପୂଜା ପାଉଥିବା ଖଣ୍ଡାସହ ରାଜା ଦ୍ୱିବେନ୍ଦୁ କୁମାର ଦେବ ଏବଂ ବୁଢାରଜା ବନ୍ଧୁକକୁ ନିଳାମ୍ବର ସିଂ ଧରି ବାହାରି ଥାନ୍ତି। ଉଭୟ ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହେବା ପରେ ବିରାଟ ପଟୁଆର ସହିତ ଲାଖବିନ୍ଧା ପଡିଆ ନିକଟକୁ ଯାଇଥାନ୍ତି । ସେଠାରେ ପୂର୍ବ ପ୍ରସ୍ତୁତି ଅନୁଯାଇ ବନ୍ଧା ଯାଇଥିବା କାକୁଡିକୁ ପ୍ରଥମେ ବୁଢାରାଜାଙ୍କ ବନ୍ଧୁକରୁ ନିଳାମ୍ବର ସିଂ ଗୁଳି ଫୁଟାଇଥାନ୍ତି। ପରେ ସାଧାରଣ ଲୋକଙ୍କୁ ରାଜା ଏହି ଅନୁମତି ଦେଇଥାନ୍ତି। ଏହା ପରେ ରାଜା ମନ୍ଦିର ପରିସରରେ ନିଜର ସିଂହାସନ ଆରୋହଣକରି ନିଜର ଦରବାର ଚଲାଇଥାନ୍ତି। ଏହି ଲାଖମରା ପର୍ବକୁ ଦେଖିବା ପାଇଁ ପର୍ବଳ ଲୋକଙ୍କ ଭିଡ ଜମିଥିଲା । ଏହି ଅବସରରେ ଆମେ ପୂର୍ବରୁ ରାଜାଙ୍କ ଯେଉଁ ଭଳି ଭାବରେ ଜୀବନ ଅତିବାହିତ କରିଥିଲେ ତାହା ମଧ କିଛିକାଂଶରେ ଅନୁଭୂତି କରିହୁଏ।ଏହି ଲାଖମରା ଏକ କ୍ରୀଡା ଭିତ୍ତିକ ପର୍ବ ଭଳି ପାଳନ କରାଯାଇଥିବା ବେଳେ ଏହାକୁ ଆଜି ମଧ୍ୟ ସବୁ ପୀଢ଼ି ଓ ସବୁ ବର୍ଗର ଲୋକ ଆପଣାଇବା ସହ ଏକାଗ୍ରତାର ସହ ଉପଭୋଗ କରୁଥିବା ଅନୁମେୟ ।

# ଟିକ୍ରାପଡା ଗାନ୍ଧୀ ପାଠାଗାର ନବରାତ୍ର ଦୁର୍ଗାପୂଜାରେ ମହିଳାଙ୍କ ସିନ୍ଦୁର ଖେଳ



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ଟିକ୍ରାପଡା ଗାନ୍ଧୀ ପାଠାଗାର ନବରାତ୍ର ଦୁର୍ଗାପୂଜାରେ ମହିଳାମାନଙ୍କ ସିନ୍ଦୁର ଖେଳ ସହ ବିଜୟା ଦଶମୀ ପାଳନ କରିଥିଲେ । ସମସ୍ତ ଯଜ୍ଞ କର୍ତ୍ତା ତଥା ମହିଳାମାନେ ସମବେତ ହୋଇ ମା ଦୁର୍ଗାଙ୍କୁ ସିନ୍ଦୁର ପିନ୍ଧାଇ ମାଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ ଏବଂ ସଧବା ସହିବାର ପ୍ରାର୍ଥନା କରିବା ସହ ସମସ୍ତ ମହିଳା ସିନ୍ଦୁର ପରସ୍ପରଙ୍କୁ ଲଗାଇ ବାଦ୍ୟ ଗୀତରେ ଝୁମି ଉଠିଥିଲେ । ଶଙ୍ଖ, ବାଦ୍ୟ, ଘଣ୍ଟ ସହ ଏକ ଆଧାତ୍ମିକ ପରିବେଶରେ ପୂଜା ମଣ୍ଡପ ଝଲସି ଉଠିଥିଲା । ଆନନ୍ଦ ଓ ଦୁଃଖ ଭରା ପରିବେଶରେ ମା ଙ୍କୁ ମେଲାଣି ଦେବାକୁ ପୂଜାର କର୍ମ କର୍ତ୍ତା, ପୂଜକ, ପୂଜା କର୍ତ୍ତା ତଥା ପଡାବାସୀଙ୍କ ଆରାଧନା କରିଥିଲେ । ସମସ୍ତ ସହରବାସୀ, ପଡାବାସୀ, ପାଠାଗାର ସଭ୍ୟ ସଭ୍ୟା, ଯଜ୍ଞ କର୍ତ୍ତା ଓ ପରିବାର ମା ଦୁର୍ଗାଙ୍କ ନବରାତ୍ର ପୂଜାରେ ସହଯୋଗ କରିଥିବାରୁ ପୂଜା କମିଟି ତଥା ଗାନ୍ଧି ପାଠାଗାର ସଭାପତି ପ୍ରକାଶ ନେପାକ, ସମ୍ପାଦକ ପ୍ରଦୀପ ସାହୁ ଓ କୋଷାଧକ୍ଷ ଜିତେନ୍ଦ୍ର ନାଗ ତଥା କମିଟି ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

